# NATIONAL NEWS BULLETIN (ODIA)

**24 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତୀୟ ନୌବାହିନୀର ସାମୁଦ୍ରିକ ଅଭିଯାନ ଭାରତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ସହଯୋଗୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

- ସରକାର ପିଆଜ ରପ୍ତାନି ନିଷେଧାଦେଶକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

- ଭାରତ ସହ ବାଣିଜ୍ୟିକ ସମ୍ପର୍କକୁ ପୁନଃସ୍ଥାପିତ କରିବାକୁ ପାକିସ୍ତାନ ଆଗ୍ରହ ପ୍ରକାଶ କରିଛି ।

- ଉତ୍ତର ପ୍ରଦେଶର ମେରଠ ଜିଲ୍ଲାର ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ୪ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଜୟପୁରଠାରେ ଅପରାହ୍ନ ସାଢ଼େ ୩ଟାରେ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ଭେଟିବ ।

# ମେରିଟାଇମ୍ ଅପରେସନ

ଭାରତୀୟ ନୌବାହିନୀର ସାମୁଦ୍ରିକ ଅଭିଯାନ ଭାରତ ମହାସାଗରୀୟ ଅଞ୍ଚଳରେ ସୁରକ୍ଷା ସହଯୋଗୀ ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଅପରେସନ ସଂକଳ୍ପ ଅଧୀନରେ ଭାରତୀୟ ନୌବାହିନୀ ପକ୍ଷରୁ ଗତ ଡିସେମ୍ବର ୨୩ରୁ ଆରମ୍ଭ ହୋଇଥିବା ଏହି ସାମୁଦ୍ରିକ ସୁରକ୍ଷା ୧୦୦ ଦିନ ପୂରଣ କରିଛି।

ଏହି ସମୟରେ ଭାରତୀୟ ନୌବାହିନୀ ସମୁଦ୍ର ମଧ୍ୟରେ ୧୮ଟି ଆହ୍ୱାନକୁ ଦୃଢ଼ତାର ସହ ସମାଧାନ କରିବା ସହ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ନୌବାହିନୀ ଆଡେନ୍ ଉପସାଗର ଏବଂ ଏହାର ଆଖପାଖ ଅଞ୍ଚଳ ଆରବ ସାଗର ଏବଂ ପୂର୍ବ ସୋମାଲିଆରେ ସାମୁଦ୍ରିକ ସୁରକ୍ଷା ଅଭିଯାନ ଚଳାଇଛି। ଗତ ୧୦୦ ଦିନ ହେବ ନୌସେନାଜାହାଜ, ଲଢୁଆ ବିମାନ ଓ ସ୍ୱତନ୍ତ୍ର ସାମୁଦ୍ରିକ ବଳ ସମୁଦ୍ରକୁ ସୁରକ୍ଷିତ ରଖିବା ପାଇଁ ସଂକଳ୍ପ ନେଇଥିଲେ।

ସାମ୍ପ୍ରତିକ ପରିସ୍ଥିତିରେ ନୌବାହିନୀ ଏହି ଅଞ୍ଚଳରେ ଉପୁଜିଥିବା ବିପଦର କଡା ମୁକାବିଲା କରିବାରେ ସକ୍ଷମ ହୋଇଛି। ଅପରେସନ ସଂକଳ୍ପ ଦେଶର ସ୍ୱାର୍ଥ ରକ୍ଷା କରିବା ସହ ଜଳଦସ୍ୟୁ ମାନଙ୍କୁ ମୁକାବିଲା କରିବାରେ ସହାୟକ ହୋଇଥିଲା ।

# ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଉପଯୁକ୍ତ ଏବଂ ସମୟୋପଯୋଗୀ ନୀତିଗତ ନିଷ୍ପତ୍ତି ଏବଂ ଅର୍ଥନୈତିକ ସଂସ୍କାର ଭାରତକୁ କୋଭିଡ ସଙ୍କଟରୁ ଦୂରେଇ ରଖିବାରେ ସକ୍ଷମ ହୋଇଛି। ଆଜି ବେଙ୍ଗାଲୁରୁରେ ଥିଙ୍କର୍ସ ଫୋରମର ଏକ ଅଧିବେଶନକୁ ସମ୍ବୋଧିତ କରି ସେ କହିଛନ୍ତି ମହାମାରୀ ସମୟରେ ଭାରତକୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ସୃଷ୍ଟି କରିବାର ଭୂମିକା ପାଇଁ ବିଶ୍ୱ ସମୁଦାୟ ମାନ୍ୟତା ପ୍ରଦାନ କରିଛି।

୨୦୨୦ରୁ ୨୦୨୨ ମଧ୍ୟରେ କୋଭିଡ୍ ମହାମାରୀ ଏବଂ ପରେ ରୁଷିଆ-ୟୁକ୍ରେନ ଯୁଦ୍ଧ ସମଗ୍ର ବିଶ୍ୱରେ ଅର୍ଥନୈତିକ ସଙ୍କଟ ସୃଷ୍ଟି କରିଥିଲା। ଫଳରେ ଖାଦ୍ୟଶସ୍ୟ, ଇନ୍ଧନ ଓ ସାର ଦର ବୃଦ୍ଧି ହେବା ସହ ରାଜସ୍ୱ ଆଦାୟ ହ୍ରାସ ପାଇଛି। ଏହି ସଙ୍କଟ ସମୟରେ ଅତିରିକ୍ତ ମୁଦ୍ରା ନିବେଶ କରିଥିବା ଅନେକ ଦେଶ ମୁଦ୍ରାସ୍ଫୀତି ହ୍ରାସର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ବଜାର ଚାହିଦାରେ ହ୍ରାସ ଘଟି ସୁଧ ହାର ବୃଦ୍ଧି ହେବା ଯୋଗୁଁ ଅର୍ଥନୀତି ମାନ୍ଦାବସ୍ଥା ଆଡକୁ ଗତି କରୁଛି। ତେବେ ଭାରତ ଗରିବ ଲୋକମାନଙ୍କୁ ଏଭଳି ଅର୍ଥନୈତିକ ସଙ୍କଟ ସମୟରେ ଖାଦ୍ୟଶସ୍ୟ ଯୋଗାଇବା ସହ ଅଣୁ-କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲା । ଏହାସହ ସରକାର ମହିଳା

ଏବଂ ବରିଷ୍ଠ ନାଗରିକମାନଙ୍କୁ ଭରଣପୋଷଣ ଯୋଗାଇଥିଲେ । ଏହି ସମୟରେ କୋଭିଡ ଟିକା ଦିଆଯିବା ସହ ଅର୍ଥନୈତିକ ସଂସ୍କାର ବ୍ୟବସ୍ଥାକୁ ସହଜ କରାଯାଇଥିଲା । ଦେଶର ଉଦ୍ୟୋଗୀ, କୃଷକ ଓ ଯୁବବର୍ଗଙ୍କ ଦୃଢ଼ତା ଯୋଗୁଁ ଅର୍ଥନୀତି ତୁରନ୍ତ ସୁଧୁରିବାରେ ଲାଗିଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। କୋଭିଡ୍ ସଙ୍କଟରୁ ମୁକୁଳିବା ପାଇଁ ଭାରତର ରଣନୀତି ଆଜି ବିଶ୍ୱସ୍ତରରେ ସ୍ୱୀକୃତି ପାଇଛି ବୋଲି ସେ କହିଛନ୍ତି ।

## ଆପ୍ ମିଟିଂ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଗିରଫ ହେବା ପରେ ଭବିଷ୍ୟତ ରଣନୀତି ସ୍ଥିର କରିବା ପାଇଁ ଆମ୍ ଆଦମୀ ପାର୍ଟି ଆଜି ଏହାର ନେତା, ବିଧାୟକ ଓ କାଉନସିଲର ମାନଙ୍କୁ ନେଇ ଏକ ବୈଠକ କରିବ। ରାଜ୍ୟସଭା ସାଂସଦ ସନ୍ଦୀପ ପାଠକ ଏହି ବୈଠକରେ ଅଧକ୍ଷତା କରିବେ। ଦଳର ମୁଖ୍ୟ ଶ୍ରୀ କେଜିରଓ୍ୱାଲ ଗିରଫ ହେବା ପରେ ଦଳପକ୍ଷରୁ ଏହି ପ୍ରଥମ ବୈଠକ ଡକାଯାଇଛି । ଏହି ବୈଠକରେ ଦଳର ଭବିଷ୍ୟତ ରଣନୀତି ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ କେଜ୍ରିଓ୍ୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତ ଗୁରୁବାର ଦିନ ତାଙ୍କ ସରକାରୀ ବାସଭବନରୁ ଗିରଫ କରିଥିଲା। ଗତ ଶୁକ୍ରବାର ଦିନ ନ୍ୟାୟାଳୟ ଆପ୍ ରାଷ୍ଟ୍ରୀୟ

ଆବାହକଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ଏଜେନ୍ସିର ହେପାଜତକୁ ପଠାଇ ଦେଇଛନ୍ତି ।

## ପାକିସ୍ତାନ-ଇଣ୍ଡିଆ ଟ୍ରେଡ୍ ଟାଇଜ୍

ଭାରତ ସହ ଅଗଷ୍ଟ ୨୦୧୯ରୁ ବନ୍ଦ ରହିଥିବା ବାଣିଜ୍ୟିକ ସମ୍ପର୍କକୁ ପୁନଃସ୍ଥାପିତ କରିବାକୁ ପାକିସ୍ତାନ ଗମ୍ଭୀରତାର ସହ ବିଚାର କରିବ ବୋଲି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ମହମ୍ମଦ ଇସହାକ୍ ଡାର୍ କହିଛନ୍ତି । ଲଣ୍ଡନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଡାର୍ କହିଛନ୍ତି ପାକିସ୍ତାନି ବ୍ୟବସାୟୀମାନେ ଭାରତ ସହ ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ ହେଉ ବୋଲି ଆଶା କରିଛନ୍ତି । ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଭାରତ ପ୍ରତି ପାକିସ୍ତାନର କୂଟନୈତିକ ଆଭିମୁଖ୍ୟରେ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି । ସୂନାଯୋଗ୍ୟ ସରକାର ସମ୍ବିଧାନର ୩୭୦ ଧାରା ଉଚ୍ଛେଦ କରିବା, ଜାମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିବା ଏବଂ ଜାମ୍ମୁ-କାଶ୍ମୀରକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭକ୍ତ କରିବା ପରେ ପାକିସ୍ତାନ ଭାରତ ସହ ନିଜର କୂଟନୈତିକ ସମ୍ପର୍କ ହ୍ରାସ କରିଥିଲା ।

ନୂଆଦିଲ୍ଲୀ ପାକିସ୍ତାନକୁ ସ୍ୱଷ୍ଟ କରିଛି ଯେ ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ । କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ସାମାଜିକ-ଅର୍ଥନୈତିକ ବିକାଶ ଏବଂ ସୁଶାସନ ସୁନିଶ୍ଚିତ

କରିବା ପାଇଁ ସରକାର ଗ୍ରହଣ କରିଥିବା ସାମ୍ବିଧାନିକ ପଦକ୍ଷେପ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଭାରତ କହିଛି ।

## ସିଙ୍ଗାପୁର-ହୋଲି

ନୂଆଦିଲ୍ଲୀସ୍ଥିତ ସିଙ୍ଗାପୁର ଦୂତାବାସ ହୋଲି ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛି । ଦେଶରେ ଅବସ୍ଥାପିତ ସିଙ୍ଗାପୁରର ହାଇ କମିଶନର ସାଇମନ ୱ୍ୱଙ୍ଗ୍ ଏହି ପର୍ବ ସମସ୍ତଙ୍କ ପାଇଁ ଶାନ୍ତି ଓ ଆନନ୍ଦ ଆଣିଦେବ ବୋଲି କାମନା କରିଛନ୍ତି । ସେ ଉତ୍ତରପ୍ରଦେଶର ବରସାନାରୁ ହୋଲି ପାଳନର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି ।

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସିଙ୍ଗାପୁର, ଫିଲିପାଇନ୍ସ ଓ ମାଲେସିଆ ଗସ୍ତରେ ଥିବା ବେଳେ ହୋଲି ପାଇଁ ଏହି ଶୁଭେଚ୍ଛା ପ୍ରଦାନ କରାଯାଇଛି ।

## ୟୁପି-ଫାୟାର

ଉତ୍ତର ପ୍ରଦେଶର ମେରଠ ଜିଲ୍ଲାର ପଲ୍ଲବପୁରମ୍ ଅଞ୍ଚଳରେ ଗତକାଲି ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ୪ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି । ଏଥିରେ ସେମାନଙ୍କ ପିତାମାତା ମଧ୍ୟ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଘରେ ମୋବାଇଲ୍ ଫୋନ୍ ଚାର୍ଜ କରାଯାଉଥିବା ବେଳେ

ସର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ପୁଲିସ କହିଛି। ଏ ସମ୍ପର୍କରେ ଅଧିକ ଖବରକୁ ଅପେକ୍ଷା କରାଯାଇଛି ।

## ଡବ୍ଲ୍ୟୁବି-ଏଲ୍‌ଏସ୍ କ୍ୟାଣ୍ଡିଡେଟ୍‌ସ

ପଶ୍ଚିମବଙ୍ଗର ସିପିଆଇ(ଏମ୍) ଦଳ ରାଜ୍ୟର ୪ଟି ପ୍ରମୁଖ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ମୁର୍ଶିଦାବାଦ ନିର୍ବାଚନ ମଣ୍ଡଳୀରୁ ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ମହମ୍ମଦ ସଲିମଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ରାଣାଘାଟ ନିର୍ବାଚନ ମଣ୍ଡଳୀରେ ଅଲକେଶ ଦାସଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ବର୍ଦ୍ଧମାନ- ଦୁର୍ଗାପୁର ଲୋକସଭା ଆସନରୁ ସୁକୃତି ଘୋଷଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ବୋଲପୁର ଆସନରୁ ଶ୍ୟାମାଳି ପ୍ରଧାନଙ୍କୁ ପ୍ରାର୍ଥୀଭାବେ ମନୋନୀତ କରାଯାଇଛି।

## ଇସି-ସ୍ପେଶାଲ ଭିସି

ମତଦାତାମାନେ କିଭଳି ସୁଚାରୁରୂପେ ମତଦାନ କରିବେ ସେଥିପାଇଁ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୌଣସି ମତଦାତା ଯେପରି ଭୋଟ୍‌ଦାନରୁ ବଞ୍ଚିତ ନହେବେ ସେଥିପ୍ରତି ଆୟୋଗ ଲକ୍ଷ୍ୟ ରଖିଛନ୍ତି ।

୮୫ ବର୍ଷରୁ ଅଧିକ ବୟସ୍କ ଓ ୪୦ ପ୍ରତିଶତ ଦିବ୍ୟାଙ୍ଗ ଘରେ ବସି ଭୋଟ ଦେଇପାରିବେ ନିର୍ବାଚନ ଆୟୋଗ ସେଥିପ୍ରତି ପଦକ୍ଷେପ ନେଇଛନ୍ତି।

ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଓ ହ୍ୱିଲ୍ ଚେୟାର ଉପଲବ୍ଧ କରାଯିବ। ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ଆୟୋଗଙ୍କ ପକ୍ଷରୁ ପରିବହନ ବ୍ୟବସ୍ଥା ମଧ୍ୟ କରାଯିବ । ଭିନ୍ନକ୍ଷମଙ୍କୁ ସହଜରେ ମତଦାନ କରିବା ଏବଂ ମତଦାନ କେନ୍ଦ୍ରରେ ସୁବିଧା ପାଇବା ପାଇଁ ଆୟୋଗ ସକ୍ଷମ ଆପ୍ ଲଞ୍ଚ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ପ୍ରକ୍ରିୟାର ଉପହାର ସ୍ୱରୂପ ବିଦ୍ୟାଳୟରେ ସ୍ଥାୟୀ ନିଶ୍ଚିତ ସର୍ବନିମ୍ନ ସୁବିଧା ଏ.ଏମ.ଏଫ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ନିଶ୍ଚିତ ସର୍ବନିମ୍ନ ସୁବିଧା ଗୁଡ଼ିକ ମଧ୍ୟରେ ପାନୀୟ ଜଳ, ଶୌଚାଳୟ, ହ୍ୱିଲଚେୟାର, ହେଲ୍ପଡେସ୍କ, ଭୋଟର ସୁବିଧା କେନ୍ଦ୍ର, ପର୍ଯ୍ୟାପ୍ତ ଆଲୋକ ଏବଂ ସେଡ୍ ଅନ୍ତର୍ଭୁକ୍ତ କରାଯାଇଛି । ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର, ବିଶେଷ କରି ମହିଳାଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର ଏବଂ ଆଦର୍ଶ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

## ପିଆଜ-ରପ୍ତାନୀ

ସରକାର ପିଆଜ ରପ୍ତାନି ନିଷେଧାଦେଶକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଘରୋଇ ଆବଶ୍ୟକତା ବୃଦ୍ଧି ଏବଂ ପିଆଜ ଦରକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ଡି.ଜି.ଏଫ.ଟି ଏକ ବିଜ୍ଞପ୍ତିରେ କହିଛନ୍ତି ଯେ ପିଆଜ ରପ୍ତାନି ଉପରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପ୍ରତିବନ୍ଧକ

ଲଗାଯାଇଥିଲା । ତେବେ ଏହାକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଗତ ବର୍ଷ ଡିସେମ୍ବର ମାସରେ ସରକାର ପିଆଜ ରପ୍ତାନି ଉପରେ କଟକଣା ଲଗାଇଥିଲେ ।

## ଭଦୁରିଆ ରାଓ-ବିଜେପି

ଭାରତୀୟ ବାୟୁସେନାର ପୂର୍ବତନ ମୁଖ୍ୟ ଆର.କେ.ଏସ. ଭଦୋରିଆ ଏବଂ ଆନ୍ଧ୍ରପ୍ରଦେଶର ୱାଇ.ଏସ.ଆର.ସି.ପିର ପୂର୍ବତନ ସାଂସଦ ବରପ୍ରସାଦ ରାଓ ଭେଲାଗାପଲ୍ଲୀ ଆଜି ନୂଆଦିଲ୍ଲୀରେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପି ସାଧାରଣ ସମ୍ପାଦକ ବିନୋଦ ତାୱଡେ ଏବଂ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁରଙ୍କ ଉପସ୍ଥିତିରେ ସେମାନଙ୍କୁ ଦଳରେ ସାମିଲ କରାଯାଇଥିଲା।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ଜୟପୁରଠାରେ ଅପରାହ୍ନ ସାଢ଼େ ୩ଟାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ଭେଟିବ ।

ସେହିଭଳି ଅହମ୍ମଦାବାଦଠାରେ ଦ୍ୱିତୀୟ ମ୍ୟାଚ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଗୁଜରାଟ ଟାଇଟାନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ ।

ଗତକାଲି ରାତିରେ କୋଲକାତାର ଇଡେନ୍ ଗାର୍ଡେନ୍ସରେ କୋଲକାତା ନାଇଟ୍ ରାଇଡର୍ସ ୪ ରନ୍‌ରେ ସନ୍ ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିବାବେଳେ ପ୍ରଥମ ମ୍ୟାଚରେ ପଞ୍ଜାବ କିଙ୍ଗସ ୪ ଓ୍ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଥିଲା ।